# Akashvani, Sambalpur

# SAMBALPURI NEWS BULLETIN

## 13 June 2025- 6.47- 6.52 am.

***********************************************

ବିମାନ୍ ଦୁର୍ଘଟଣା ଏନ୍ଏସ୍ଡି

ଦୁର୍ଘଟଣାଗ୍ରସ୍ତ ଅହମ୍ମଦାବାଦ୍ - ଲଣ୍ଡନ୍ ବିମାନ୍ଥି ଏଛେନ୍ତକ୍ ଉଦ୍ଧାର୍ କାମ୍ ଜାରି ରହିଛେ । ଦୁର୍ଘଟଣାଥି ଜୀବନ୍ ଯାଇଥିବା ଯାତ୍ରୀମାନ୍କର୍ ଡିଏନ୍ଏ ପରୀକ୍ଷା ଉତ୍ରୁ ପରିବାର୍ ଲୁକ୍କୁ ସେମାନ୍କର୍ ମୃତ ଦେହ ଦିଆଯିବା ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ସୂଚ୍ନା ଅନ୍ସାରେ ୨ ଶହ ୪୨ ଝନ୍ ଯାତ୍ରୀଙ୍କୁ ନେଇକରି ଲଣ୍ଡନ୍ ଯାଉଥିବା ଏୟାର୍ ଇଣ୍ଡିଆର୍ ଏ.ଆଇ. ୧୭୧ ବିମାନ୍ ଦୁର୍ଘଟଣାଥି ଝନେ ଯାତ୍ରୀଙ୍କୁ ସୁରକ୍ଷିତ୍ ଉଦ୍ଧାର୍ କରାଯାଇଛେ । ବାକି ସମ୍କର୍ ଜୀବନ୍ ଯାଇଥିବାର୍ ଆଶଙ୍କା କରାଯାଉଛେ । ଦୁର୍ଘଟଣାଥି ଗୁଜୁରାଟ୍ର ଆଘର୍ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କର୍ ମୃତ୍ୟୁ ହେଇଥିବା ସର୍କାରୀ ଭାବେ କୁହାଯାଇଛେ ।

ଯୋଗ ଦିବସ୍- ପ୍ରଧାନ୍ମନ୍ତ୍ରୀ ହି.ସ.

ଜୁନ୍ ୨୧ ତାରିଖ୍ ହେବାର୍‌କେ ଥିବାର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶ୍‌ର ବିଶାଖାପାଟ୍‌ନମ୍ ନ ହେବାର୍‌କେ ଥିବାର୍ ଯୋଗ ସମାରୋହଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ୪୦ ଟା ଦେଶର୍ କୁଟନୀତିଜ୍ଞମାନେ ସାମିଲ୍ ହେବେ । ପ୍ରଧାନ୍‌ମନ୍ତ୍ରୀ ୪୫ ମିନିଟ୍ ଭିତ୍‌ରେ ୧୯ ଟା ଯୋଗ ଆସନ୍ କର୍‌ବେ ବଲି ଗଲାକାଏଲ୍ କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ ସୂଚ୍‌ନା ଦେଇଛନ୍ ।

ଦିଗ୍‌ବିଜୟ ସିଂ- ଓଡ଼ିଶା ଗସ୍ତ I&PR

ଓଡ଼ିଶା ଗସ୍ତଥି ଆସିଥିବା ରାଜ୍ୟସଭା ସାଂସଦ୍ ଦିଗ୍‌ବିଜୟ ସିଂ ଗୁରୁବାର୍ ଭୁବ୍‌ନେଶ୍ୱର୍ ଠାନେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିଛନ୍ । ଅତ୍ୟାଧୁନିକ୍ ଭିତିଭୂମି ସହେତେ ସେନ ଦିଆଯାଉଥିବା ତାଲିମ୍ ଆଉ ପାଠ୍‌ପଢ଼ାକେ ଶ୍ରୀ ସିଂ ପ୍ରଶଂସା କରିଛନ୍ । ଓଡ଼ିଶାର୍ ଯୁଆନ୍ ପିଢ଼ିର୍ ଦକ୍ଷତାକେ ସଫଲତାର୍ ଶିଘାକେ ନେବାର୍ ଦିଗେ ଇ କେନ୍ଦ୍ର ବଡ଼ ଭୂମିକା ନଉଛେ ବଲି ସେ କହିଛନ୍ ।

ପୁରୀ ରଥ ତିଆରି- ରେଲ୍ ଜେକ୍ ପି.ଆଇ.ବି.

ପୁରୀ ଶ୍ରୀକ୍ଷେତ୍ର ନ ମାହାପୁରୁମାନ୍‌କର୍ ରଥ୍ ତିଆରି କାମେ ଇ ବଛର୍ ରେଲ୍‌ଥି ବେଭାର୍ ହେଇଥିବାର୍ ଜେକ୍ ବେଭାର୍ କରାଯାଉଛେ । ପୂର୍ବତଟ ରେଲ୍‌ପଥର୍ ସୂଚ୍‌ନା ଅନ୍‌ସାରେ ରଥ ତିଆରି କାମେ ରେଲ୍ ଜେକ୍ ବେଭାର୍ କରାଯିବାର୍ ସହେତେ ୪୦ ଝନ୍ ରେଲ କର୍ମଚାରୀ ଭିଲ୍ ନିୟୋଜିତ୍ ହେଇଛନ୍ । ସେନ୍ତା ରଥ ମରାମତି କର୍‌ବାର୍ ଲାଗି ମଂଚେଶ୍ୱର୍ ୱାଗନ୍ କାର୍‌ଖାନା ଠାନେ ଖାସ୍ ଲୁହା କ୍ଲାମ୍ପ୍ ତିଆର୍ କରାଯାଉଛେ । ରଥଯାତ୍ରା ବାଗିର୍ ଗୁଟେ ପବିତ୍ର କାମ୍‌ଥି ରେଲ୍‌ବାଇ ସିଧାସଲଖ୍ ସାମିଲ୍ ହେବାର୍‌ଟା ଗୁଟେ ଦିବ୍ୟ ସଂଯୋଗ୍ ଆଏ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ କୁହାଯାଇଛେ ।

ନାଟକ ପ୍ରଦର୍ଶନୀ I&PR

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ଓଡ଼ିଶାର୍ ବରପୁତ୍ର ମାନ୍‌କର୍ ଜୀବନୀ ଉପ୍‌ରେ ଆଧାରିତ୍ ନାଟକ୍ କାର୍ଯ୍ୟକ୍ରମ୍, ଭଞ୍ଜକଳା ମଣ୍ଡପ୍ ଠାନେ କିମ୍ବଦନ୍ତୀ ସଂଗୀତଜ୍ଞ ମାନ୍‌କୁ ସମର୍ପିତ ସଂଗୀତ ସନ୍ଧ୍ୟା ଆଉ ଜୟଦେବ୍ ଭବନ୍ ଠାନେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ ଆଏବା

୧୯ ତାରିଖ୍‌ତକ୍ ଚାଲ୍‌ବା । ଗଲାକାଏଲ୍ ରବୀନ୍ଦ୍ର ମଣ୍ଡପ୍ ଠାନେ ଉତ୍କଳ ମଣି ଗୋପବନ୍ଧୁଙ୍କର୍ ଉପ୍‌ରେ ଆଧାରିତ୍ ନାଟକ୍ ପ୍ରଦର୍ଶିତ୍ ହେଇଥିଲା । ଇଥି ସମ୍ବଲ୍‌ପୁର୍ ଅଦୃଶ୍ୟ ନାଟ୍ୟ ଆଶ୍ରମ୍ ତର୍‌ଫୁ ପ୍ରଦର୍ଶିତ୍ ଇ ନାଟକ୍‌କେ ପଂଚାନନ ଦାସ୍ ରଚନା କରିଥିଲା ବେଲେ ଅତୀଶ୍ କୁମାର୍ ଶତ୍‌ପଥୀ ନିର୍ଦ୍ଦେଶନା ଦେଇଥିଲେ ।

ଓଜେଇଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ତର୍‌ଫୁ ଆଏବା ମାସ ୧୫ ଆଉ ୧୬ ତାରିଖ୍ ଦିନ ୨ ନମ୍ବର୍ ସ୍ୱତନ୍ତ୍ର ଓଜେଇଇ ପରୀକ୍ଷା ହେବା । ଛାତ୍ରଛାତ୍ରୀମାନେ ଆଏଜ୍‌ଠାନୁ ୨୩ ତାରିଖ୍‌ତକ୍ ଓଜେଇଇ ୱେବ୍‌ସାଇଟ୍ ଜରିଏ ଆବେଦନ୍ କରିପାର୍‌ବେ । ଯେନ୍ ପରୀକ୍ଷାର୍ଥୀମାନେ ଜେଇଇ ମେନ୍ ଆଉ ମେ ମାସେ ହେଇଥିବା ଓଜେଇଇ ପରୀକ୍ଷାଥି ରେଙ୍କ୍ ପାଇଛନ୍, ସେମାନ୍‌କୁ ଫେର୍‌ଘାଏ ପରୀକ୍ଷା ଦେବାର୍‌କେ ନାଇଁ ପଡ୍େ । ଓଜେଇଇ ପହେଲା ଖେପ୍‌ର କାଉନ୍‌ସେଲିଂ ଉତ୍‌ରୁ ଖାଲି ପଡ଼ିଥିବା ସିଟ୍‌ଥି ନାଁଲେଖା ଲାଗି ସ୍ୱତନ୍ତ୍ର ଓଜେଇଇ ରେଙ୍କ୍ ପାଇଥିବା ଛାତ୍ରଛାତ୍ରୀମାନ୍‌କୁ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ସୁଯୋଗ୍ ମିଲ୍‌ବା ।

ସ୍ନାତକୋତର ନାଁଲେଖା-କଟ୍‌ଅଫ୍ ମାର୍କା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ନାତକୋତର ନାଁଲେଖା ଲାଗି କଟ୍‌ଅଫ୍ ମାର୍କା ଆଏଜ୍ ବାହାରିବା । ଇତାର୍ ସହେତେ ନାଁଲେଖା ଲାଗି ସିଟ୍ ବଂଟାଯିବା । ଆଏବା ୧୬ ନୁ ୧୮ ତାରିଖ୍‌ତକ୍ ନାଁଲେଖା ଚାଲ୍‌ବା । ୨ ନମ୍ବର୍ ଖେପ୍ ନାଁଲେଖା ଲାଗି ୨୩ ତାରିଖ୍ ସିଟ୍ ବାଂଟ୍‌ବାର୍ ତାଲିକା ବାହାର୍‌ବା ।

ଝାର୍‌ସୁଗୁଡ଼ା- ସାଟେଲାଇଟ୍ ହସ୍ପିଟାଲ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ପୁର୍‌ନା ଡାକ୍ତର୍‌ଖାନା ନ ଫେର୍‌ଘାଏ ରୋଗୀ ଚିକିତ୍ସା ମୁଲ୍ ହେଇଛେ । ଇନ ୨୫ ଶଯ୍ୟାର୍ ସାଟେଲାଇଟ୍ ହସ୍ପିଟାଲ୍‌କେ ଗଲାକାଏଲ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କରିଛନ୍ । ଡାକ୍ତର୍‌ଖାନା ନ ଆଗ୍‌କେ ଶଯ୍ୟା ସଂଖ୍ୟା ବଢ଼ାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ । ପୁର୍‌ନା ଡାକ୍ତର୍‌ଖାନା କୋଠା ନ ଫେର୍‌ଘାଏ ସେବା ଯୁଗେଇ ଦେବାର୍ ଲାଗି ଝାର୍‌ସୁଗୁଡ଼ା ବାସୀଙ୍କର୍ ଦାବିକେ ସମ୍ମାନ୍ ଜନେଇକରି ସର୍‌କାର୍ ଇ ପଦକ୍ଷେପ ନେଇଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରପତି ଭବନ୍ -ସମ୍ବଲ୍‌ପୁରୀ ନାଚ୍          ହି.ସ.

ରାଷ୍ଟ୍ରପତି ଭବନ୍ ସାଂସ୍କୃତିକ କେନ୍ଦ୍ର ଠାନେ ଇ ବଛର୍ ହେବାର୍‌କେ ଥିବା ରଜ ଉତ୍ସବ୍‌ଥି ସମ୍ବଲ୍‌ପୁରୀ ନାଚ୍ ପରିବେଷଣ୍ କରାଯିବା । ସମ୍ବଲ୍‌ପୁରର୍ 'ଉକିଆ' ଅନୁଷ୍ଠାନ୍‌ର ୧୫ ଝନ୍ କଲାକାର୍ ଗୁରୁ ରଞ୍ଜନ୍ କୁମାର୍ ସାହୁଙ୍କର୍ ନେତୃତ୍ୱଥି ସମ୍ବଲ୍‌ପୁରୀ ଲୋକକଲାର୍ ପ୍ରଦର୍ଶନ୍ କର୍‌ବେ । ଇଥିର୍‌ଲାଗି କଲାକାର୍‌ମାନେ ଦିଲ୍ଲୀ ଯାତ୍ରା କରିଥିବାର୍ ଜନାପଡ଼ିଛେ ।

ଜାତୀୟ ଯୋଗ ଅଲମ୍ପିଆଡ୍‌ଥି-ସମ୍ବଲ୍‌ପୁର୍‌ର ୪

ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲ୍‌ନାଡୁର କନ୍ୟାକୁମାରୀ ଠାନେ ଆଏବା ୧୫ ନୁ ୧୮ ତାରିଖ୍‌ତକ୍ ଜାତୀୟ ଯୋଗ ଅଲମ୍ପିଆଡ୍ ହେବା । ଇଥି ସମ୍ବଲ୍‌ପୁର୍ ଜିଲ୍ଲା ସିନ୍ଦୁର୍‌ପଙ୍କ୍‌ର ୪ ଝନ୍ ଛାତ୍ରଛାତ୍ରୀ ଓଡ଼ିଶାନୁ ପ୍ରତିନିଧିତ୍ୱ କର୍‌ବାର୍ ସୁଯୋଗ୍ ପାଇଛନ୍ । ଜନାର୍ଦ୍ଦନ୍ ପୂଜାରୀ ସର୍‌କାରୀ ଉଚ୍ଚବିଦ୍ୟାଳୟର୍ ଇ ୩ ଝନ୍ ଛାତ୍ରୀ ଆଉ ଝନେ ଛାତ୍ର ଗଲାକାଏଲ୍ କନ୍ୟାକୁମାରୀ ଯାଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗଲାମାସ ହେଇଥିବା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ୍‌ଥି ସଫଲ୍ ହେଇକରି ସେମାନେ ଇ ସୁଯୋଗ୍ ପାଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩୬ ଘଂଟା ଭିତ୍‌ରେ ମୌସୁମୀ ସକ୍ରିୟ ହେଇକରି ଓଡ଼ିଶା ସହେତେ ଦେଶର୍ କେତେଟା ଜାଗା ନ ବର୍ଷା ହେଇପାରେ । ସୂଚ୍‌ନା ଅନ୍‌ସାରେ ଆଏବା ୧୮ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷାର୍ ସମ୍ଭାବନା ଅଛେ ।